# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st December – 2025

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ ପାଇଁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି; ପ୍ରକଳ୍ପପାଇଁ ଖର୍ଚ୍ଚ ହେବ ୧ ହଜାର ୫୨୬ କୋଟି ଟଙ୍କା ।

- ରାଜ୍ୟର ନୂତନ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅନୁ ଗର୍ଗ ।

- ଏ.ପି.ଜେ. ଅବଦୁଲ କଲାମ ଘାଟିରୁ ୨ଟି ଦ୍ରୁତଗାମୀ 'ପ୍ରଳୟ' କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ ।

- ରାଜ୍ୟରେ ପ୍ରଦୂଷଣ ପ୍ରମାଣପତ୍ରର ଅବଧିକୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କଲେ ସରକାର ।

ଏବଂ

- ଇଂରାଜୀ ନବବର୍ଷ ପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ।

***Desk***

# କେନ୍ଦ୍ର କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଓଡ଼ିଶାରେ ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ ପାଇଁ ମଞ୍ଜୁରି ମିଳିଛି । ଏହି ପ୍ରକଳ୍ପପାଇଁ ମୋଟ୍ ୧ ହଜାର ୫୨୬ କୋଟି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶରେ ସହାୟକ ହେବ । ଏହା ମାଧ୍ୟମରେ ବିଶେଷକରି ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଜନସାଧାରଣ ଉପକୃତ ହେବେ । ଉନ୍ନତ ସଡ଼କ ସଂଯୋଗୀକରଣ ସ୍ଥାନୀୟ ଜନସାଧାରଣଙ୍କୁ ଲାଭ ପହଞ୍ଚାଇବା ସହ ଶିଳ୍ପ, ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

***Voice (Baishnab)*** :......

କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ମୋହନା-କୋରାପୁଟ ୩୨୬ ନମ୍ବର ଜାତୀୟ ରାଜପଥର ଉନ୍ନତୀକରଣ ହେଲେ ଦକ୍ଷିଣ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସଂଯୋଗୀକରଣ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ।

*Desk*

## ରାଷ୍ଟ୍ରପତି - ନବବର୍ଷ ଶୁଭେଚ୍ଛା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂତନ ବର୍ଷ ୨୦୨୬ର ପୂର୍ବ ସନ୍ଧ୍ୟାରେ ଦେଶ ତଥା ବିଦେଶର ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ନୂତନ ବର୍ଷ ନୂତନ ଶକ୍ତି ଓ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ, ଆତ୍ମ-ପ୍ରତିଫଳନ ଏବଂ ନୂତନ ସଂକଳ୍ପ ପାଇଁ ଏକ ସୁଯୋଗ ଭାବରେ କାର୍ଯ୍ୟ କରେ। ରାଷ୍ଟ୍ରପତି ମୁର୍ମୁ ଦେଶର ବିକାଶ, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ୨୦୨୬ ସମସ୍ତଙ୍କ ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧି ଆଣିବ ଏବଂ ଏକ ଶକ୍ତିଶାଳୀ ତଥା ସମୃଦ୍ଧ ଭାରତ ଗଠନ ପାଇଁ ନୂତନ ଶକ୍ତି ପ୍ରଦାନ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

*Desk*

## ମୁଖ୍ୟମନ୍ତ୍ରୀ - ମାଧୋ ସିଂହ

ରାଜ୍ୟ ସରକାରଙ୍କ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ସହିଦ ମାଧୋ ସିଂହଙ୍କ ଜନ୍ମପୀଠ ଗ୍ରାମର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବରଗଡ଼ ଜିଲ୍ଲା ଘେଁସ୍'ଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ଏବଂ ସହିଦ ମାଧୋ

ସିଂହଙ୍କ ସ୍ମୃତି ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ଘେଁସ୍ ଗ୍ରାମରେ ସହିଦ୍‌ଙ୍କ ସ୍ମାରକୀ ପ୍ରତିଷ୍ଠା, ପ୍ରତିମୂର୍ତ୍ତି ନିର୍ମାଣ, ତୋରଣ ଏବଂ ଏକ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଘେଁସ୍ ମହାବିଦ୍ୟାଳୟକୁ ସହିଦ ମାଧୋ ସିଂହ ସ୍ମାରକୀ ମହାବିଦ୍ୟାଳୟ ନାମରେ ଆଜି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିସହ ଘେଁସ୍ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ନୂଆ ରୂପରେ ବିକାଶ ସହ ୧୦୦ ଆସନ ବିଶିଷ୍ଟ ଆଧୁନିକ ସହରାଞ୍ଚଳ ଛାତ୍ରୀ ନିବାସ ନିର୍ମାଣ କରାଯିବ । ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି । ତାଙ୍କର ତ୍ୟାଗ ଏବଂ ଦେଶପାଇଁ ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଘେଁସ୍ ଗ୍ରାମପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତ, ଗ୍ରାମରେ ୬୧୭ ଜଣ ଲକ୍ଷପତି ଦିଦି ରହିଛନ୍ତି । କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ସହିଦ ମାଧୋ ସିଂହଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଦେଶର ସ୍ୱାଧନୀତା ପାଇଁ ବଳିଦାନ ଦେଇଥିବା ବରଗଡ ଜିଲ୍ଲାର ଘେଁସ ଜମିଦାର ସହିଦ ମାଧୋ ସିଂଙ୍କର ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

*Desk*

## ରାଜ୍ୟପାଳ - ଆହୁଜା

ରାଜ୍ୟର ନୂତନ ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅନୁ ଗର୍ଗ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତୀ ଗର୍ଗ ଏହା ପୂର୍ବରୁ ଯୋଜନା ଏବଂ ସଂଯୋଜନା ବିଭାଗ ସହ ଜଳସମ୍ପଦ ବିଭାଗର ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟରତ ଥିଲେ ।

ମୁଖ୍ୟ ଶାସନ ସଚିବ ଥିବା ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଆଜି ଶେଷ ହୋଇଛି । କାର୍ଯ୍ୟକାଳର ଶେଷ କାର୍ଯ୍ୟଦିବସରେ ଶ୍ରୀ ଆହୁଜା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ । ରାଜ୍ୟର ପ୍ରଶାସନିକ ଅଗ୍ରଗତି, କଲ୍ୟାଣକାରୀ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ସାକ୍ଷାତ୍ ଅବସରରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ ଆଭିମୁଖ୍ୟ ଏବଂ ଓଡ଼ିଶା ପ୍ରତି ଶ୍ରୀ ଆହୁଜାଙ୍କ ସେବାମୂଳକ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତପାଇଁ ଶୁଭକାମନା ଜଣାଇଥିଲେ ।

*Desk*

## କ୍ଷେପଣାସ୍ତ୍ର ପରୀକ୍ଷଣ

ଏ.ପି.ଜେ. ଅବଦୁଲ କଲାମ କ୍ଷେପଣାସ୍ତ୍ର ଘାଟିରୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ–ଡି. ଆର୍.ଡି.ଓ. ପକ୍ଷରୁ ଗୋଟିଏ ଲଞ୍ଚରରୁ ଦୁଇଟି

ଦ୍ରୁତଗାମୀ 'ପ୍ରଳୟ' କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଉଭୟ କ୍ଷେପଣାସ୍ତ୍ର ସମସ୍ତ ଉଡ଼ାଣ ଉଦ୍ଦେଶ୍ୟ ପୂରଣ କରୁଥିବା ଉଦ୍ଦିଷ୍ଟ ଗତିପଥ ଅନୁସରଣ କରିଥିଲା ଯାହା ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଦ୍ୱାରା ନିୟୋଜିତ ଟ୍ରାକିଂ ସେନ୍ସର୍ ଦ୍ୱାରା ନିଶ୍ଚିତ ହୋଇଛି। ପ୍ରଳୟ ହେଉଛି ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବିଧ୍ୱଂସୀ କ୍ଷେପଣାସ୍ତ୍ର ଯାହା ସଠିକତାର ସହ ଲକ୍ଷ୍ୟସ୍ଥଳ ଭେଦ କରିବାର କ୍ଷମତା ରଖେ। ଏହି କ୍ଷେପଣାସ୍ତ୍ର ବିଭିନ୍ନ ଲକ୍ଷ୍ୟ ବିରୁଦ୍ଧରେ ଏକାଧିକ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ।ସ୍ତ୍ର

***BBSR/R***

## ଇ-କେ.ୱାଇ.ସି.

ରାଜ୍ୟରେ ଥିବା ରାସନ କାର୍ଡ଼ ହିତାଧିକାରୀଙ୍କ ପାଇଁ ଇ-କେ.ୱାଇ.ସି. ଅବଧିକୁ ସରକାର ଆହୁରି ୨ ମାସ ବୃଦ୍ଧି କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୯୬ ପ୍ରତିଶତ ଲୋକଙ୍କ ଇ-କେ.ୱାଇ.ସି. ପ୍ରକ୍ରିୟା ଶେଷ ହୋଇଛି । ୮ ଲକ୍ଷ ରାସନ କାର୍ଡ଼ ବଣ୍ଟନ କରାଯାଇଥିବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

ରାସନ କାର୍ଡ଼ପାଇଁ ଇ-କେ.ୱାଇ.ସି. ଅବଧି ଆଜି ଶେଷ ହେଉଥିଲା ।

*HS*

# ପି.ୟୁ.ସି. ଅବଧି

ରାଜ୍ୟ ସରକାର ପ୍ରଦୂଷଣ ପ୍ରମାଣପତ୍ରର ଅବଧିକୁ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଯାନବାହନ ପାଇଁ ଗ୍ରୀନ୍ ଷ୍ଟିକର ବାଧ୍ୟତାମୂଳକ ନୁହେଁ । ଏହାସହ ଅନିୟମିତତାକୁ ଦୃଷ୍ଟିରେ ରଖି ୪୨ଟି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରର୍ ଲାଇସେନ୍ସକୁ ରଦ୍ଦ କରାଯାଇଛି । ଏହି ଅବଧିକୁ ପୂର୍ବରୁ ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଥିଲା । ଏପ୍ରିଲ୍ ମାସ ୧ ତାରିଖରୁ ଯାଞ୍ଚ୍ କଡ଼ାକଡ଼ି ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

*HS*

# ଚିଲିକା ସୌନ୍ଦର୍ଯ୍ୟୀକରଣ

ରାଜ୍ୟ ସରକାର ଚିଲିକାର ସୌନ୍ଦର୍ଯ୍ୟୀକରଣ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆଇ.ଆଇ.ଟି. ମାଡ୍ରାସ୍ ସହ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ଆଗାମୀ ଦୁଇରୁ ତିନି ମାସ ମଧ୍ୟରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବ । କେନ୍ଦ୍ର ସରକାରଙ୍କୁ ଅନୁଦାନ ପାଇଁ ରାଜ୍ୟ ସରକାର ନିବେଦନ କରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# ନୂଆବର୍ଷ - ଶ୍ରୀକ୍ଷେତ୍ର

ଅସୁମାରୀ ଆଶା-ଆକାଂକ୍ଷା, ସୁଖ-ସମୃଦ୍ଧି, ଆଶ୍ୱାସନା-ସମ୍ଭାବନାର ସମ୍ଭାର ନେଇ ଆସୁଛି ଇଂରାଜୀ ନବବର୍ଷ-୨୦୨୬। ପୁରୁଣାବର୍ଷକୁ ବିଦାୟ ଓ ନବବର୍ଷକୁ ସ୍ୱାଗତ ପାଇଁ ସାଂସ୍କୃତିକ ଆସରରେ ଚର୍ତୁଦିଗ ହୋଇଉଠିଛି ଉତ୍ସବମୁଖର।

ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପୁରୀ ଶ୍ରୀକ୍ଷେତ୍ରରେ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲା ଓ ପୁଲିସ ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ସମସ୍ତ ବନ୍ଦୋବସ୍ତ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିପାଇଁ ନିୟୋଜିତ ମାଜିଷ୍ଟ୍ରେଟ୍ ଏବଂ ସୁରକ୍ଷା ବାହିନୀ ପରସ୍ପର ମଧ୍ୟରେ ସହଯୋଗ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସ୍ୱଚ୍ଛତା, ପାନୀୟଜଳ ବଣ୍ଟନ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ସୂଚନାକେନ୍ଦ୍ର, ପାର୍କିଂ ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂହ' ବିଭାଗର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଭୁବନେଶ୍ୱର, କଟକରେ ମଧ୍ୟ ଜିରୋ-ନାଇଟ୍ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି ।

*Boudh/R*

## ବୌଦ୍ଧ ମହୋତ୍ସବ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବୌଦ୍ଧ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ମହୋତ୍ସବ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ବୌଦ୍ଧ ମହୋତ୍ସବ ସମେତ ପଲ୍ଲୀଶ୍ରୀ ମେଳା, ଆତ୍ମନିର୍ଭର ଭାରତ, ସ୍ୱଦେଶୀ ମେଳା ଏବଂ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ମେଳା ନିମନ୍ତେ ପ୍ରଚାର ରଥର ଶୁଭାରମ୍ଭ ହୋଇଛି ।

*Nuapada/R*

## ପୌର - ଅଭିଯୋଗ ଶୁଣାଣି

ନୂଆପଡ଼ା ଜିଲ୍ଲାର ଖରିଆର୍ ରୋଡ୍ ବିଜ୍ଞପିତ ଅଞ୍ଚଳ ପରିଷଦ ୩ ନମ୍ବର ଓ୍ୱାର୍ଡ଼ରେ ପୌର ପ୍ରଶାସନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୮୦ଟି ଅଭିଯୋଗ ମଧ୍ୟରୁ ୩୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଖରିଆର୍ ଏନ୍.ଏ.ସି.କୁ ସ୍ୱଚ୍ଛ ଓ ନିର୍ମଳ କରିବା ସହିତ ପ୍ଲାଷ୍ଟିକ୍ ବ୍ୟବହାର ନିଷିଦ୍ଧ କରିବା ନିମନ୍ତେ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା ।

*Nuapada/R*

# ଗୃହରକ୍ଷୀ - ଲିଖିତ ପରୀକ୍ଷା

ନୂଆପଡ଼ା ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ଲିଖିତ ପରୀକ୍ଷାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତାମାସ ୧୧ ତାରିଖରେ ନୂଆପଡ଼ା ରିଜର୍ଭ ପଡ଼ିଆରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଏଥିନିମନ୍ତେ ୪ ହଜାର ୭୮୭ ଜଣ ପ୍ରାର୍ଥୀ ପଞ୍ଜୀକରଣ କରିଛନ୍ତି । ଏଥିରେ ପ୍ରଥମ ପତ୍ରରେ ୬୦ ମାର୍କ ଏବଂ ଦ୍ୱିତୀୟ ପତ୍ରରେ ୪୦ ମାର୍କର ପରୀକ୍ଷା କରାଯିବ । ପରୀକ୍ଷାକୁ ସ୍ୱଚ୍ଛ କରିବା ନିମନ୍ତେ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି ।

*Bhadrak/R*

# ବରିଷ୍ଠ ନାଗରିକ ଶିବିର

ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପିତାମାତା ଓ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ କଲ୍ୟାଣ ଆଇନ-୨୦୦୭ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସେମାନଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଆଇନ ସହାୟତା, ଆର୍ଥିକ ବ୍ୟବସ୍ଥା, ଭରଣପୋଷଣର ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗ ନେଇ ଶିବିରରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

*Nayagarh/R*

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ନୟାଗଡ଼ରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି । ସମ୍ମିଳନୀରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ଉପରେ ଆଲୋକପାତ କରିଛନ୍ତି । ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିଲେ ଏହା ଉପରେ ନିର୍ଭରଶୀଳ ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି । ଏହି ଦୁଇଦିନିଆ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ମତ୍ସ୍ୟଜୀବୀ, ପ୍ରାଣୀପାଳକ ଏବଂ ପ୍ରାଣୀବିଜ୍ଞାନୀମାନେ ଯୋଗ ଦେଇଥିଲେ ।

*Boudh/R*

## ଆଲୋଚନାଚକ୍ର

ବୌଦ୍ଧ ଜିଲ୍ଲା ପୁରୁଣା କଟକ ସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ‘ଇତିହାସ ଲିଖନରେ ପ୍ରତ୍ନତାତ୍ତ୍ୱିକ ଉପାଦାନର ଭୂମିକା’ ଶୀର୍ଷକ ଆଲୋଚନାରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ପ୍ରାଧ୍ୟାପକ ଏବଂ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

******